# NATIONAL NEWS BULLETIN (ODIA)

## 21 August - 2025

### Morning Bulletin : 7.15 A.M.

*************************************************

## ମୁଖ୍ୟ ସମ୍ବାଦ

- ବିହାର ଓ ପଶ୍ଚିମବଙ୍ଗରେ ଆସନ୍ତାକାଲି ୧୮ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ ।
- ରଣନୈତିକ ସହଭାଗିତା ଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ମସ୍କୋରେ ଅନୁଷ୍ଠିତ ହେବ ଭାରତ-ରୁଷ ବୈଦେଶିକ ମନ୍ତ୍ରୀ ବୈଠକ ।
- ଦୀପାବଳି ଓ ଛଟ୍ ପର୍ବ ଅବସରରେ ୧୨ ହଜାର ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ନେଇ ସୂଚନା ଦେଲେ ରେଳ ମନ୍ତ୍ରୀ ।
- ଗାଜା ସହରକୁ ଦଖଲ ଓ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ଯୋଜନା କରିଥିବା ଇସ୍ରାଏଲ୍ ସେନାର ଘୋଷଣା ।

ଏବଂ

- ୨୦ ବର୍ଷରୁ କମ୍ ବିଶ୍ୱ କୁସ୍ତି ପ୍ରତିଯୋଗିତାରେ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଲେ କୁସ୍ତି ଯୋଦ୍ଧା ତପସ୍ୟା ।

## ପିଏମ୍-ବିହାର-କୋଲକାତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ବିହାର ଓ ପଶ୍ଚିମବଙ୍ଗ ଗସ୍ତ କରି ପ୍ରାୟ ୧୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ପ୍ରଥମେ ବିହାର ଗସ୍ତ କରି ୧୩ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ସହ ଦୁଇଟି ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବେ । ପ୍ରଧାନମନ୍ତ୍ରୀ ଗଙ୍ଗା ନଦୀ ଉପରେ ଆଣ୍ଟା ସୀମାରିଆ ସେତୁ ପ୍ରକଳ୍ପର ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି । ବିଦ୍ୟୁତ୍ କ୍ଷେତ୍ରର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଶ୍ରୀ ମୋଦୀ ୬ ହଜାର ୮୮୦ କୋଟି ଟଙ୍କା ମୂଲ୍ୟର ବକ୍ସର ତାପଜ ବିଦ୍ୟୁତ୍ କେନ୍ଦ୍ରର ଲୋକାର୍ପଣ କରିବେ ।

ପରେ ପ୍ରଧାନମନ୍ତ୍ରୀ କୋଲକାତା ଗସ୍ତ କରି ମେଟ୍ରୋ ରେଳ ପ୍ରକଳ୍ପ ଓ ସଡ଼କ ଭିତ୍ତିଭୂମିର ଲୋକାର୍ପଣ କରିବେ । ୧୨ଶହ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୭ଦଶମିକ୍ ୨ କିଲୋମିଟର ଲମ୍ବ ୬ ଲେନ୍ ବିଶିଷ୍ଟ ଏଲିଭେଟେଡ୍ କୋନା ଏକ୍ସପ୍ରେସ୍ ଓ୍ୱେ ର ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

## ଜୟଶଙ୍କର ଲାଭ୍‌ରୋଭ୍ ମିଟିଂ

ଭାରତ ଓ ରୁଷ ମଧ୍ୟରେ ରଣନୈତିକ ସହଭାଗିତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ମସ୍କୋରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସେଠାକାର ବିଦେଶ ମନ୍ତ୍ରୀ ସର୍ଗେଇ ଲାଭ୍‌ଲୋଭ୍‌ଙ୍କ ସହ ଆଲୋଚନା

କରିବେ । ଆଲୋଚନାରେ ଦ୍ୱିପାକ୍ଷିକ ପ୍ରସଙ୍ଗ ସମେତ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା ହେବ ।

ସୂଚନା ଅନୁଯାୟୀ ଦୁଇ ଦେଶ ମଧ୍ୟରେ ଆର୍ଥିକ ସ୍ଥିରତା, ପରିବହନ, କୃଷି ଏବଂ ବୈଜ୍ଞାନିକ ଭିତ୍ତିଭୂମି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଆଲୋଚନା ହେବ । ବିଶ୍ୱସ୍ତରରେ ଉଭୟ ନେତା ଏସିଆ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ବିକାଶ ସୁରକ୍ଷା, ୟୁକ୍ରେନ୍ ସଂଘର୍ଷ, ଆଫ୍‌ଗାନିସ୍ତାନ ପରିସ୍ଥିତି ଏବଂ ଅନ୍ୟ କେତେକ ସମସ୍ୟା ଉପରେ ଆଲୋଚନା କରିବେ ।

## ଅଶ୍ୱିନୀ ବୈଷ୍ଣବ-ସ୍ପେଶାଲ୍ ଟ୍ରେନ୍

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଦୀପାବଳି ଏବଂ ଛଟ୍ ପର୍ବ ଅବସରରେ ୧୨ ହଜାର ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ଗତକାଲି ବିହାର ଏନ୍.ଡି.ଏ. ନେତାଙ୍କ ସହ ଆଲୋଚନା ପରେ ଏହି ଘୋଷଣା କରାଯାଇଛି । ସେ କହିଛନ୍ତି, ସାଧାରଣ ବର୍ଗ ଯାତ୍ରୀଙ୍କ ସୁବିଧା ପାଇଁ ଦିଲ୍ଲୀ-ଗୟା, ସହସ୍ରା-ଅମୃତସର, ଛାପ୍ରା-ଦିଲ୍ଲୀ ଏବଂ ମୁଜାଫର୍‌ପୁର-ହାଇଦ୍ରାବାଦ୍‌କୁ ସଂଯୋଗ କରିବା ପାଇଁ ୪ଟି ନୂତନ ଅମୃତ ଭାରତ ଟ୍ରେନ୍ ଆରମ୍ଭ କରାଯିବ ।

ଗତକାଲି ଦିଲ୍ଲୀରେ ବିହାର ଏନ୍.ଡି.ଏ. ନେତାମାନେ ଆଗାମୀ ଦୀପାବଳି ଓ ଛଟ୍ ପର୍ବ ପାଇଁ ରେଳ ବ୍ୟବସ୍ଥା ସମୀକ୍ଷା କରିବା ଲାଗି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରିଥିଲେ । ପରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଅକ୍ଟୋବର ୧୩ରୁ ୨୬ ତାରିଖ ମଧ୍ୟରେ ଯାତ୍ରା କରୁଥିବା

ଯାତ୍ରୀମାନେ ନଭେମ୍ବର ୧୭ରୁ ଡିସେମ୍ବର ୧ ତାରିଖ ମଧ୍ୟରେ ଫେରୁଥିଲେ ସେମାନେ ରେଳ ଭଡ଼ାରେ ୨୦ ପ୍ରତିଶତ ରିହାତି ସହିତ ନିଶ୍ଚିତ ଟିକେଟ୍ ପାଇବେ ।

**V/O**

# ୟୁଆଇଡିଏଆଇ-ଷ୍ଟାର୍‌ଲିଙ୍କ

ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ – ୟୁ.ଆଇ.ଡି.ଏ.ଆଇ. ଘରୋଇ ସାଟେଲାଇଟ୍ ଆଧାରିତ ଇଣ୍ଟରନେଟ୍ ସେବା ପ୍ରଦାନକାରୀ ଷ୍ଟାର୍‌ଲିଙ୍କ୍ ସହିତ ସହଭାଗିତା କରିଛି । ଫଳରେ ଏହା ଆଧାର ଆଧାରିତ ଗ୍ରାହକ ଯାଞ୍ଚ୍ ପାଇଁ ସହାୟକ ହେବ । କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇ.ଟି. ମନ୍ତ୍ରଣାଳୟ ଅନୁଯାୟୀ ଏହି ପ୍ରମାଣିକରଣ ଦ୍ୱାରା ଭାରତର ଡିଜିଟାଲ୍ ଭିତ୍ତିଭୂମିର ନିର୍ଭରଯୋଗ୍ୟତା ପ୍ରଦର୍ଶନ ହୋଇପାରିବ । ଆଧାରର ସହଜତା ଏବଂ ସୁବିଧା ଯୋଗୁଁ ମୁଖପ୍ରମାଣିକରଣ ପ୍ରକ୍ରିୟା ଆଧାର ଉପଭୋକ୍ତାଙ୍କୁ ସହଜ ଜୀବନଯାପନ ଲାଗି ମଞ୍ଚ ପ୍ରଦାନ କରିଛି ବୋଲି ମନ୍ତ୍ରଣାଳୟ କହିଛି ।

# ଇପିଏଫ୍‌ଓ-ପେ ରୋଲ୍ ଡାଟା

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଇ.ପି.ଏଫ୍.ଓ. ଚଳିତ ବର୍ଷ ଜୁନ୍ ମାସରେ ସର୍ବାଧିକ ୨୧ ଲକ୍ଷ ୮୯ ହଜାର ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରିଛି । ୨୦୧୮ ଏପ୍ରିଲ୍ ଠାରୁ ଇ.ପି.ଏଫ୍.ଓ.ରେ ନୂତନ ସଦସ୍ୟ ସାମିଲ ହେବା ତଥ୍ୟ

ଟ୍ରାକିଂ ହେବା ପରଠାରୁ ଏହି ସଂଖ୍ୟା ସର୍ବାଧିକ ବୋଲି କୁହାଯାଇଛି । କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଜୁନ୍ ମାସରେ ୧୦ ଲକ୍ଷ ୬୨ ହଜାର ନୂତନ ସଦସ୍ୟ ପଞ୍ଜିକୃତ ହୋଇଛନ୍ତି । ଯାହା ପୂର୍ବ ମାସ ଅର୍ଥାତ୍ ମେ ମାସ ତୁଳନାରେ ୧୨ ଦଶମିକ୍ ୬/୮ ପ୍ରତିଶତ ବୃଦ୍ଧିକୁ ଦର୍ଶାଉଛି । ୨୦୨୪ ମସିହା ଜୁନ୍ ତୁଳନାରେ ଏଥିରେ ୩ ଦଶମିକ୍ ୬/୧ ପ୍ରତିଶତ ବୃଦ୍ଧି ଘଟିଛି । ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ୧୮ରୁ ୨୫ ବର୍ଷ ବୟସ ବର୍ଗରେ ପ୍ରାୟ ୬ ଲକ୍ଷ ୩୯ ହଜାର ନୂତନ ସଦସ୍ୟ ଇ.ପି.ଏଫ୍.ଓ.ରେ ଯୋଗଦେଇଥିବା ବେଳେ ୩ ଲକ୍ଷରୁ ଅଧିକ ମହିଳା ପଞ୍ଜିକରଣ କରିଛନ୍ତି ।

## ଇସ୍ରାଏଲ୍-ଗାଜା ଅପରେସନ୍

ଗାଜା ସହରକୁ ଦଖଲ ଓ ନିୟନ୍ତ୍ରଣ କରିବା ପାଇଁ ଏକ ଯୋଜନାବଦ୍ଧ ଆକ୍ରମଣର ପ୍ରଥମ ପଦକ୍ଷେପ ଆରମ୍ଭ କରିଥିବା ଇସ୍ରାଏଲ୍ ସେନା ଘୋଷଣା କରିଛି । ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଏହି ଯୋଜନାକୁ ଅନୁମୋଦନ କରିଛନ୍ତି । ଚଳିତ ସପ୍ତାହ ଶେଷରେ ଇସ୍ରାଏଲ୍ ସୁରକ୍ଷା କ୍ୟାବିନେଟ୍ ଏହାର ସମୀକ୍ଷା କରିବ ବୋଲି ଜଣାପଡ଼ିଛି । ଏହି ଅଭିଯାନ ପାଇଁ ଇସ୍ରାଏଲ୍ ୬୦ ହଜାର ରିଜର୍ଭ ସୈନ୍ୟଙ୍କୁ ଯୋଗଦେବା ଲାଗି ଡାକିଛି । ଇସ୍ରାଏଲ୍ କହିଛି, ସେମାନଙ୍କର ଲକ୍ଷ୍ୟ ହେଉଛି ସାମରିକ ଭିତ୍ତିଭୂମିକୁ ନଷ୍ଟ କରି ଏବଂ ଗାଜାର ଜନସଂଖ୍ୟାରୁ ଅଲଗା କରି ହମାସକୁ ଆହୁରି ଦୁର୍ବଳ କରିବା । ରୁଷର ଜଣେ ସାମରିକ ଅଧିକାରୀ କହିଛନ୍ତି, ଦୁଇ ବର୍ଷର ଯୁଦ୍ଧ ପରେ ହମାସ ପ୍ରବଳ କ୍ଷତିର ସମ୍ମୁଖୀନ ହୋଇଛି । ତେବେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ କହିଛନ୍ତି,

ଏହି ଯୋଜନା ଆଞ୍ଚଳିକ ଅସ୍ଥିରତା ସୃଷ୍ଟି କରିବାର ସମ୍ଭବନା ରହିଛି । ଆନ୍ତର୍ଜାତିକ ରେଡ୍‌କ୍ରସ୍ କମିଟି ମଧ୍ୟ ଗାଜା ପରିସ୍ଥିତି ଉପରେ ଚିନ୍ତା ପ୍ରକାଶ କରିଛି ।

ଅନ୍ୟ ପକ୍ଷରେ କତାର୍ ଏବଂ ଇଜିପ୍ଟ ପକ୍ଷରୁ ପୁଣିଥରେ ଯୁଦ୍ଧ ବିରତି ପ୍ରସ୍ତାବ ଦିଆଯାଇଛି । ଯଦି ଏହା ଗ୍ରହଣ କରାଯାଏ ତାହାହେଲେ ୬୦ ଦିନିଆ ଯୁଦ୍ଧ ବିରତି ଲାଗୁ ହେବା ସହ ପ୍ରାୟ ଅଧା ବନ୍ଧକଙ୍କୁ ମୁକ୍ତ କରାଯିବ ।

## ଇଣ୍ଡିଆ-ଇଏଇୟୁ ଏଫ୍‌ଟିଏ

ଭାରତ ଏବଂ ୟୁରେସିଆନ୍ ଅର୍ଥନୈତିକ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା ପାଇଁ ଏକ ସର୍ତ୍ତାବଳୀରେ ସ୍ୱାକ୍ଷର କରିଛନ୍ତି । ୟୁରେସିଆନ୍ ଅର୍ଥନୈତିକ ସଂଘରେ ଆର୍ମେନିଆ, ବେଲାରୁଷ, କାଜାଖସ୍ତାନ, କିର୍ଗିଜ୍ ଗଣରାଜ୍ୟ ଏବଂ ରୁଷ ସଦସ୍ୟ ଅଛନ୍ତି । ବାଣିଜ୍ୟ ବିଭାଗ ଅତିରିକ୍ତ ସଚିବ ଅଜୟ ଭାଦୁ ଏବଂ ୟୁରେସିଆନ୍ ଅର୍ଥନୈତିକ କମିଶନ୍‌ର ବାଣିଜ୍ୟ ନୀତି ବିଭାଗର ଉପନିର୍ଦ୍ଦେଶକ ମିଖାଇଲ୍ ଚେର୍‌କାଏଭ୍ ମସ୍କୋରେ ଏହି ସର୍ତ୍ତାବଳୀରେ ସ୍ୱାକ୍ଷର କରିଛନ୍ତି । କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି, ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ଚୁକ୍ତି ରପ୍ତାନୀ ବୃଦ୍ଧିକୁ ଅଗ୍ରାଧିକାର ଦେବା ସହ ଏମ୍.ଏସ୍.ଏମ୍.ଇ.କୁ ସମର୍ଥନ କରିବେ ।

ସୂଚନା ଅନୁଯାୟୀ ଉଭୟ ପକ୍ଷ ମଧ୍ୟରେ ୨୦୨୪ରେ ୬୯ ବିଲିୟନ୍ ଡଲାର୍‌ର କାରବାର ହୋଇଛି । ଯାହା ୨୦୨୩ ତୁଳନାରେ ୭ ପ୍ରତିଶତ

ଅଧିକ । ଚୁକ୍ତିନାମା ଚୂଡ଼ାନ୍ତ ହେବା ପରେ ନିବେଶ ବୃଦ୍ଧି ସହ ଉଭୟ ପକ୍ଷ ମଧ୍ୟରେ ଏକ ଦୃଢ଼ ସହଭାଗିତା ସ୍ଥାପନ ହେବ ବୋଲି ଆଶା କରାଯାଉଛି ।

## ପାକିସ୍ତାନ୍ ଏୟାର୍ ସ୍ପେସ୍ ବ୍ୟାନ୍

ପାକିସ୍ତାନ କର୍ତ୍ତୃପକ୍ଷ ଭାରତୀୟ ବିମାନ ପାଇଁ ନିଜର ଆକାଶସୀମା ପ୍ରତିବନ୍ଧକକୁ ସେପ୍ଟେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ବିମାନ କର୍ମଚାରୀଙ୍କୁ ନୋଟିସ୍ ଜାରି କରି ପାକିସ୍ତାନ ପକ୍ଷରୁ ଭାରତୀୟ ବିମାନ ପାଇଁ ପ୍ରତିବନ୍ଧକକୁ ଆହୁରି ଏକ ମାସ ବୃଦ୍ଧି କରାଯାଇଥିବା ବିଷୟ ଘୋଷଣା କରାଯାଇଛି । ସୂଚନା ଅନୁଯାୟୀ ଭାରତୀୟ ବିମାନ କମ୍ପାନୀ ଦ୍ୱାରା ପରିଚାଳିତ ବିମାନ ଗୁଡ଼ିକୁ ପାକିସ୍ତାନର ବାୟୁସୀମା ବ୍ୟବହାର କରିବା ଲାଗି ଅନୁମତି ଦିଆଯିବ ନାହିଁ । ଭାରତର ମାଲିକାନା କିମ୍ବା ଭଡ଼ାରେ ନେଇଥିବା ସାମରିକ ଓ ବେସାମରିକ ବିମାନ ପାଇଁ ମଧ୍ୟ ଏହି ନିଷେଧାଦେଶ ଲାଗୁ ହେବ । ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଉଭୟ ଦେଶ ବାୟୁସୀମା ପ୍ରତିବନ୍ଧକ ଜାରି କରିଥିଲେ ।

## ରୁଷିଆ-ଇଣ୍ଡିଆ

ବିଶ୍ୱ ଶକ୍ତି ଭାବରେ ଭାରତର ପ୍ରତିଷ୍ଠାକୁ ରୁଷ ପ୍ରଶଂସା କରିବା ସହ ଏହାକୁ ବିବିଧ ବୈଦେଶିକ ନୀତି ସହିତ ଏକ ଅଗ୍ରଣୀ ଅର୍ଥନୈତିକ ଶକ୍ତି ବୋଲି ଅଭିହିତ କରିଛି । ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀକୁ

ସମ୍ବୋଧିତ କରି ଭାରତରେ ଅବସ୍ଥାପିତ ରୁଷ ରାଜଦୂତ ରୋମାନ ବାବୁସ୍କିନ୍ କହିଛନ୍ତି, ଭାରତ ଏବଂ ରୁଷ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ କ୍ଷେତ୍ର ଗୁଡ଼ିକ ଉପରେ ପ୍ରମୁଖ ସହଯୋଗୀ ଭାବେ ଉଭା ହୋଇଛନ୍ତି । ଉଭୟ ଦେଶ ମଧ୍ୟରେ ସମ୍ପର୍କ ବିସ୍ତାରିତ ହେବାରେ ଲାଗିଛି ବୋଲି ସେ କହିଛନ୍ତି । ୟୁକ୍ରେନ୍ ପରିସ୍ଥିତି ଉପରେ ଉଭୟ ରାଷ୍ଟ୍ର ମୁଖ୍ୟଙ୍କ ମଧ୍ୟରେ ହୋଇଥିବା ଟେଲିଫୋନ୍ ବାର୍ତ୍ତାଳାପ ସମ୍ପର୍କରେ ସେ ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି, ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ମସ୍କୋ ଗସ୍ତ ସମେତ ଚଳିତ ବର୍ଷ ଶେଷ ସୁଦ୍ଧା ରାଷ୍ଟ୍ରପତି ପୁତିନ୍‌ଙ୍କ ଭାରତ ଗସ୍ତ ପାଇଁ ପ୍ରସ୍ତୁତି କରାଯାଉଛି ।

## ୟୁ୨୦ ରେସଲିଂ

ବୁଲଗେରିଆରେ ଅନୁଷ୍ଠିତ ୨୦ ବର୍ଷରୁ କମ ବିଶ୍ୱ କୁସ୍ତି ଚାମ୍ପିଅନସିପ୍ ୨୦୨୫ରେ ଭାରତୀୟ କୁସ୍ତିଯୋଦ୍ଧା ତପସ୍ୟା ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ମହିଳା ୫୭ କିଲୋଗ୍ରାମ ବର୍ଗର ଫାଇନାଲରେ ନରୱେର ଫେଲିସିଟାସ୍ ଡୋମାଜେଭାଙ୍କୁ ୫-୨ରେ ପରାସ୍ତ କରିଛନ୍ତି। ଲିଗ ମ୍ୟାଚରେ ତପସ୍ୟା ଡୋଲଝୋନ୍ ସିଙ୍ଗେଭାଙ୍କୁ ୬-୦ରେ, କ୍ୱାର୍ଟର ଫାଇନାଲରେ ଫ୍ରାନ୍ସର ରୋମାଇସା ଏଲ୍ ଖାରୋବିଙ୍କୁ ୯-୦, ସେମିଫାଇନାଲରେ ଜାପାନର ସୋଓ୍ୱାକା ଉଚିଡାଙ୍କୁ ୪-୩ରେ ପରସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲେ।

ମହିଳା ୬୮ କିଲୋଗ୍ରାମ ବର୍ଗରେ, ଭାରତର ସୃଷ୍ଟି’ ଫାଇନାଲରେ ଜାପାନରରେ ହୋଶିନୋଙ୍କଠାରୁ ୦-୭ରେ ପରାସ୍ତ ହେବା ପରେ ରୌପ୍ୟ ପଦକ ଜିତିଥିଲେ। ସୃଷ୍ଟି ସେମିଫାଇନାଲରେ ଜର୍ମାନୀର ଲୌରା କୋହେଲରଙ୍କୁ ୭-୩ରେ ପରାସ୍ତ କରିଥିଲେ।

ପ୍ରିୟା ମହିଳା ୭୬ କିଲୋଗ୍ରାମ ସେମିଫାଇନାଲରେ ସର୍ବିଆର ଏଭେଲିନ୍ ଉଝେଲଜିଙ୍କୁ ୧୦-୦ରେ ପରାସ୍ତ କରିବା ବେଳେ ରୀନା ୫୫ କିଲୋଗ୍ରାମ ବର୍ଗରେ ରୋମାନିଆର ଭୋଇକୁଲେସ୍କୁଙ୍କୁ ୧୧-୧ରେ ପରାସ୍ତ କରିଥିଲେ।

## ହକି

ଜଳନ୍ଧରରେ ଅନୁଷ୍ଠିତ ପଞ୍ଚଦଶ ହକି ଇଣ୍ଡିଆ ଜୁନିୟର୍ ପୁରୁଷ ଜାତୀୟ ଚାମ୍ପିୟନ୍‌ସିପ୍‌ର ସେମିଫାଇନାଲ୍‌ରେ ହରିଆଣା, ଓଡ଼ିଶା, ଉତ୍ତରପ୍ରଦେଶ ଏବଂ ପଞ୍ଜାବ କ୍ୱାର୍ଟର୍ ଫାଇନାଲ୍‌ରେ ବିଜୟ ଲାଭ କରି ସେମିଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି । ହରିଆଣା ୩-୨ ଗୋଲ୍‌ରେ କର୍ଣ୍ଣାଟକକୁ ପରାସ୍ତ କରିଥିବା ବେଳେ ଉତ୍ତରପ୍ରଦେଶ’ ମଧ୍ୟପ୍ରଦେଶକୁ ୨-୧ ଗୋଲ୍, ଓଡ଼ିଶା’ ମଣିପୁରକୁ ୯-୦ ଗୋଲ୍ ଓ ପଞ୍ଜାବ ଝାଡ଼ଖଣ୍ଡକୁ ୪-୧ ଗୋଲ୍‌ରେ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

ଅନ୍ୟ ପକ୍ଷରେ ହକି ଇଣ୍ଡିଆ ଆଗାମୀ ପୁରୁଷ ଏସିଆ କପ୍ ପାଇଁ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରିଛି । ଆସନ୍ତା ୨୯ରୁ ସେପ୍ଟେମ୍ବର ୭

ତାରିଖ ପର୍ଯ୍ୟନ୍ତ ବିହାରର ରାଜଗିରିରେ ଏସିଆକପ୍ ଅନୁଷ୍ଠିତ ହେବ । ପୁଲ୍-ଏରେ ଭାରତ, ଜାପାନ୍, ଚୀନ୍ ଓ କାଜାଖସ୍ତାନ ରହିଥିବା ବେଳେ ପୁଲ୍-ବିରେ ବାଂଲାଦେଶ, ଚାଇନିଜ୍ ଚାଇପେଇ, ମାଲେସିଆ ଓ ଦକ୍ଷିଣ କୋରିଆ ରହିଛନ୍ତି । ହରମନ୍ପ୍ରୀତ ସିଂହ ଭାରତୀୟ ହକି ଦଳର ନେତୃତ୍ୱ ନେବେ । ଭାରତ ଅଗଷ୍ଟ ୨୯ରେ ଚୀନ୍, ଅଗଷ୍ଟ ୩୧ରେ ଜାପାନ୍ ଓ ସେପ୍ଟେମ୍ବର ୧ ତାରିଖରେ କାଜାଖସ୍ତାନ ବିପକ୍ଷରେ ଖେଳିବ ।